## ସଂକ୍ଷେପରେ

### ଗୋଷ୍ଠୀ ସଂଘର୍ଷ, ୭ ଗିରଫ

ପୋଲସରା, ୨୬।୪(ଡି.ଏନ.ଏ.)- ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପୋଲସରା ଥାନା ଅନ୍ତର୍ଗତ ନିମିନା ପଞ୍ଚାୟତର ବିଲେଇଝୁରି ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୭ଜଣ ଆହତ ହୋଇଛନ୍ତି। ଉଭୟ ଗୋଷ୍ଠୀର ୭ ଜଣଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମଙ୍ଗଳବାର ରାତି ପ୍ରାୟ ୮ ଟା ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଉଭୟ ପକ୍ଷର ଠେଙ୍ଗା, ପଥର ଓ ବିଅର ବୋତଲ ପ୍ରଭୃତି ନେଇ ପରସ୍ପରକୁ ଆକ୍ରମଣ କରିଥିଲେ। ଫଳରେ ଉଭୟ ପକ୍ଷର ୭ ଆହତ ହୋଇଛନ୍ତି। ଏ ସମ୍ପର୍କରେ ଗୋଟିଏ ପକ୍ଷର ରବୀନ୍ଦ୍ର ପ୍ରଧାନ ଓ ଅନ୍ୟପକ୍ଷର ସନ୍ତୋଷ ପ୍ରଧାନ ପରସ୍ପର ବିରୋଧରେ ପୋଲସରା ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ଦୁଇ ପକ୍ଷର ୭ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୁମାର ପରିଡ଼ା, ରବିନ୍ଦ୍ର ପ୍ରଧାନ, ସାଇବ ପରିଡ଼ା, ପ୍ରକାଶ ପ୍ରଧାନ, ସୁବାସ ପରିଡ଼ା, ବସନ୍ତ ପୋଲେଇ ଓ ସନ୍ତୋଷ ପ୍ରଧାନ ବୋଲି ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

### ଶ୍ରମିକ ଦିବସ ପ୍ରସ୍ତୁତି ବୈଠକ

ଦିଗପହଣ୍ଡି, ୨୬।୪(ଡି.ଏନ.ଏ.)- ଦିଗପହଣ୍ଡି ଠାରେ ଶ୍ରମିକ ସଙ୍ଗଠନ ଏଆଇଟିୟୁସି ଏବଂ ସିଆଇଟିୟୁ ପକ୍ଷରୁ ମିଳିତ ବୈଠକ ସିପିଆଇ(ଏମ)ର ପୂର୍ବତନ ଗଞ୍ଜାମ ଜିଲା ସମ୍ପାଦକ କୈଳାସ ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମେ' ୧ ତାରିଖରେ ବିଶ୍ୱ ଶ୍ରମିକ ଦିବସ ମହାସମାରୋହରେ ପାଳନ କରାଯିବା ନିମନ୍ତେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇ ପ୍ରସ୍ତାବ ଗୃହୀତ କରାଯାଇଛି। ଏହି ବୈଠକରେ ଏଆଇଟିୟୁସିର ଗଞ୍ଜାମ ଜିଲା ସମ୍ପାଦକ ଅଳକା ନାଥ ମିଶ୍ର, ମୂଷା ବେହେରା, କୃଷ୍ଣ ବେହେରା ଏବଂ କେ.ମୋହନ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

### ପୂଜ୍ୟପୂଜା ଓ ସ୍ମୃତିସଭା

କବିସୂର୍ଯ୍ୟନଗର, ୨୬।୪(ଡି.ଏନ.ଏ.)- ସ୍ୱର୍ଗତ ପ୍ରେମାନନ୍ଦ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ କବିସୂର୍ଯ୍ୟନଗରସ୍ଥିତ ସୁନ୍ଦରପଡା ଆଇଟିଆଇଠାରେ ପୂଜ୍ୟପୂଜା ଓ ସ୍ମୃତିସଭା ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଛି। ଆମ ଅଞ୍ଚଳର ଯଶସ୍ୱୀ, ଯୋଗଜନ୍ମା, ବିରଳ କୃତିତ୍ୱର ଅଧିକାରୀ ସ୍ୱର୍ଗୀୟ ପୂଜ୍ୟ ପ୍ରତିଭା ଲଡ୍ଡୁ କିଶୋର ସ୍ୱାଇଁ, ବାସୁଦେବ ମହାପାତ୍ର, ପ୍ରେମାନନ୍ଦ ପଟ୍ଟନାୟକ ଓ ହରିହର ନାୟକଙ୍କ ଫେଟୋ ଚିତ୍ରରେ ମାଲ୍ୟାର୍ପଣ ଓ ଅତିଥିଙ୍କ ଦ୍ୱାରା ସ୍ମୃତିଚାରଣ କରାଯାଇଥିଲା। ମୁଖ୍ୟ ଅତିଥି ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ମୁଖ୍ୟବକ୍ତା ବନମାଳୀ ସ୍ୱାଇଁ, ସମ୍ମାନିତ ବକ୍ତା ଗାଳ୍ପିକ ବିପିନ ବିହାରୀ ଶତପଥୀ, ସମ୍ମାନିତ ଅତିଥି ଖବରଦାତା କୃପାସିନ୍ଧୁ ସ୍ୱାଇଁ, ଲାୟନ୍ସ କ୍ଲବ ସଭାପତି ଇ. ମାହେଶ୍ୱରୀ ଦୋରା, ଯୁବନେତା ନଚିକେତା ସ୍ୱାଇଁ, ତାରାତାରିଣୀ ଆଇଟିଆଇ ଅଧକ୍ଷ ଭାସ୍କର ବିଶ୍ୱାଳ, ବ୍ଲକ ଅଧକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ ଓ ସନ୍ତୋଷ କୁମାର ସାମଲ ଯୋଗ ଦେଇଥିଲେ।

### ସୁକାନ୍ତ ଦିଗାଲ୍ କଂଗ୍ରେସ ରାଜ୍ୟ ସମ୍ପାଦକ

ଭଞ୍ଜନଗର, ୨୬।୪(ଡି.ଏନ.ଏ): ଭଞ୍ଜନଗର ଏନଏସିର ପୂର୍ବତନ କାଉନ୍ସିଲର ତଥା ନଗର କଂଗ୍ରେସ ସଭାପତି ସୁକାନ୍ତ କୁମାର ଦିଗାଲ୍ ପ୍ରଦେଶ କଂଗ୍ରେସ କମିଟି ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତ ପାଇଛନ୍ତି । ଏହି ଖବର ବୁଧବାର ଭଞ୍ଜନଗରରେ ପହଞ୍ଚିବା ପରେ କଂଗ୍ରେସ କର୍ମୀମାନେ ଖୁସିବ୍ୟକ୍ତ କରିଛନ୍ତି । ନୂତନ ଦାୟିତ୍ୱ ପାଇବା ପରେ ସେ ପିସିସି ସଭାପତି ଶରତ ପଟ୍ଟନାୟକ, ଏଆଇସିସି ସଭ୍ୟ ବିସ୍ମୟ ମହାପାତ୍ର ପ୍ରମୁଖଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଦଳର ସ୍ଥିତି କିଭଳି ଆହୁରି ସୁଦୃଢ଼ ହେବ ସେଥିପାଇଁ କାର୍ଯ୍ୟ କରିବି ବୋଲି କହିଛନ୍ତି ।

# ଅଭିଯୁକ୍ତଙ୍କୁ ଛାଡ଼ିବା ଦାବିରେ ଥାନା ଆଗରେ ଧାରଣା

**ଶେରଗଡ଼, ୨୬।୪(ଡି.ଏନ.ଏ.):**


ଥାନା ଆଗରେ ମହିଳାମାନେ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ସୁନାନ୍ତରରେ ଗୋଷ୍ଠୀ ସଂଘର୍ଷ ଘଟଣା**

**■ ଶେରଗଡ଼-ହିଞ୍ଜିଳି ରାସ୍ତା ଅବରୋଧ**

ଶେରଗଡ ବ୍ଲକର ସୁନାନ୍ତର ଛକରେ ଗତ ସୋମବାର ଗୋଷ୍ଠୀ ସଂଘର୍ଷ ଘଟି ୧୩ଜଣ ଆହତ ହୋଇଥିଲେ। ସୁନାନ୍ତର ଗ୍ରାମର ଆହତ ଗନ୍ତାୟତ ଗୌଡଙ୍କ ଏତଲାକୁ ଭିତ୍ତି କରି ଶେରଗଡ଼ ପୋଲିସ ମାମଲା ରୁଜୁ କରି ଗୋଟିଏ ଗୋଷ୍ଠୀର ୧୩ ଜଣଙ୍କୁ ମଙ୍ଗଳବାର ରାତିରେ ଘରେ ଶୋଇଥିବା ଅବସ୍ଥାରେ ଗିରଫ କରିଛି। ସେମାନେ ହେଲେ ନିରଞ୍ଜନ ଜେନା, ଆଲୋକ ଜେନା, ସୁଶାନ୍ତ ଜେନା, ଶିବରାମ ନାହାକ, ନିରଞ୍ଜନ ବରାଡ, ସୁଦାମ ବରାଡ, ରାଜୀବ ଜେନା, କାହ୍ନୁ ଜେନା, ଚୁକୁନା ଜେନା, ସୁନୀଲ ଦାସ, ସଞ୍ଜୟ ସ୍ୱାଇଁ, ଦୁଖା ସ୍ୱାଇଁ ଓ ମହେନ୍ଦ୍ର ଜେନା। ତେବେ ନିରଞ୍ଜନ ଜେନା ଏହି ଘଟଣାରେ ସଂପୃକ୍ତ ନ ଥିବା ବେଳେ ତାଙ୍କୁ ପୋଲିସ ଅଯଥାରେ ଉଠାଇ ଆଣିଥିବା ଗ୍ରାମବାସୀ ଦାବି କରିଛନ୍ତି। ଏଣୁ ତାଙ୍କୁ ତୁରନ୍ତ ଛାଡିବାକୁ ଗ୍ରାମବାସୀ ବୁଧବାର ଶେରଗଡ଼-ହିଞ୍ଜିଳି ରାସ୍ତାରେ ଟାୟାର ଜାଳି ଅବରୋଧ କରିଛନ୍ତି। ପୋଲିସ ଏକ ମିନି ବସ୍‌ରେ ୧୩ ଗିରଫ ବ୍ୟକ୍ତିଙ୍କୁ ନେଉଥିବା ବେଳେ ତାଙ୍କୁ ଛାଡ଼ିଦେବାକୁ ଦାବି କରି ଶତାଧିକ ମହିଳା ଗାଡ଼ି ଆଗରେ ଠିଆହୋଇ ପାଟି ତୁଣ୍ଡ କରିଛନ୍ତି। ଘଟଣା ସ୍ଥଳରେ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ଉମାଶଙ୍କର ସିଂ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରି ବସ୍‌ଟିକୁ ଶେରଗଡ଼ କୋର୍ଟକୁ ନେଇ ଯାଇଥିଲେ। ପରେ ମହିଳାମାନେ ଶେରଗଡ଼ ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। କାଳିଆ ଓରଫ ନିରଞ୍ଜନ ଜେନାକୁ ଛାଡିବା ଦାବିରେ ଏସଡିପିଓ ଶ୍ରୀ ସିଂଙ୍କ ସହ ଯୁକ୍ତିତର୍କ କରିଥିଲେ। ଉତ୍ତେଜନା ପରିସ୍ଥିତିକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ସୋରଡ଼ା ଥାନା ଅଧିକାରୀ ରମେଶ ଚନ୍ଦ୍ର ପ୍ରଧାନ, ଧରାକୋଟ ଥାନା ଅଧିକାରୀ ମମତା କୁମାରୀ ସାମନ୍ତରାୟ, ବଡଗଡ ଥାନା ଅଧିକାରୀଙ୍କ ସମେତ ବହୁ ପୋଲିସ ମୁତୟନ କରାଯାଇଛି। ମେଡିକାଲରେ ଚିକିତ୍ସିତ ହେଉଥିବା ବ୍ୟକ୍ତିମାନେ ସୁସ୍ଥହୋଇ ଫେରିବା ପରେ ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ଉନ୍ମୋଚନ ହେବ ବୋଲି ଶେରଗଡ଼ ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ କହିଛନ୍ତି। ସୂଚନାଯୋଗ୍ୟ, ସୋମବାର ସନ୍ଧ୍ୟାରେ ସୁନାନ୍ତର ଗ୍ରାମର ସଞ୍ଜୟ ଗୌଡ ପୋଖରୀରୁ ଗୋଧୋଇ ଫେରୁଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କୁ ହାଡୁ ଓରଫ ମହେନ୍ଦ୍ର ଜେନା ଖଣ୍ଡାରେ ଆକ୍ରମଣ କରିଥିଲେ। ପରେ ଉଭୟ ଗୋଷ୍ଠୀର ଲୋକେ ପହଞ୍ଚି ପରସ୍ପରକୁ ମାରଣାସ୍ତ୍ରରେ ଆକ୍ରମଣ ପ୍ରତିଆକ୍ରମଣ କରିଥିଲେ। ଉଭୟ ଗୋଷ୍ଠୀର ୧୩ଜଣ ଗୁରୁତର ଆହତ ହୋଇଥିଲେ। ଅପରପକ୍ଷରେ ଆଲୋକ ଜେନାଙ୍କ ଅଭିଯୋଗ କ୍ରମେ ପୋଲିସ ଆଉ ଏକ ମାମଲା ରୁଜୁ କରିଛି।

# ବିଶ୍ୱକର୍ମା ସମାଜର ସାଧାରଣ ବୈଠକ

**ହିଞ୍ଜିଳିକାଟୁ ୨୬।୪(ଡି.ଏନ୍.ଏ):**

ହିଞ୍ଜିଳିକାଟୁ ମ୍ୟୁନିସିପାଲଟି ଅନ୍ତର୍ଗତ ବଇଁଚବଣିଆଠାରେ ଜିଲା ବିଶ୍ୱକର୍ମା ସମାଜ ତରଫରୁ ସାଧାରଣ ବୈଠକ ବୁଧବାର ଜିଲା ସଭାପତି ଅଜୟ କୁମାର ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଶ୍ୱକର୍ମା ସମାଜ, ଜିଲା ୧୦ ତାଲୁକା ସଂଗଠନ ଓ ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ବିଶକର୍ମା ସମାଜର ବରିଷ୍ଠ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ସମାଜର ଶିକ୍ଷା ସ୍ୱାସ୍ଥ୍ୟର ବିକାଶ ସହ ଆଗାମୀ ପିଢିର ଉନ୍ନତି ନେଇ ଆଲୋଚନା କରାଯାଇଥିଲା। ସମସ୍ତଙ୍କ ମଧ୍ୟରେ ସୁସମନ୍ୱୟ ଓ ସହଯୋଗ ହେଲେ ସମାଜର ଉନ୍ନତି ହେବା ନେଇ ବରିଷ୍ଠ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ। ଏଥିରେ ରାଜଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାରଣା, ଉପେନ୍ଦ୍ର ମହାରଣା, ଗୋବିନ୍ଦ ଚନ୍ଦ୍ର ମହାରଣା, ପଦ୍ମଚରଣ ମହାରଣା, କୃଷ୍ଣଚନ୍ଦ୍ର ମହାରଣା, ତ୍ରିନାଥ ମହାରଣାଙ୍କ ସହ ତାଲୁକା କର୍ମକର୍ତ୍ତା ଗୌରାଙ୍ଗ ମହାରଣା, ଶ୍ରୀନିବାସ ମହାରଣା, କୈଳାଶ ମହାରଣା, ସୁଶାନ୍ତ ମହାରଣାଙ୍କ ସହ ସମସ୍ତ ତାଲୁକା ମୁଖ୍ୟ, ସଭାପତି, ସମ୍ପାଦକ, ଉପଦେଷ୍ଟା, ରାଜଶ୍ରୀ, ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ଥିଲେ।

# ସୌର ୪ ନମନିୟତା ପ୍ରକଳ୍ପ ଉଦ୍‌ଘାଟିତ


ବୈଠକରେ ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ।

**ଛତ୍ରପୁର, ୨୬।୪(ଡି.ଏନ୍.ଏ.):**

ଛତ୍ରପୁରସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା କକ୍ଷଠାରେ ବିଶ୍ୱ ଖାଦ୍ୟ ଓ ଯୋଜନାର ଏକ ଅଂଶ ବିଶେଷ ସୌର ୪ ନମନିୟତା ପ୍ରକଳ୍ପ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଦ୍ୱାରା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍ୟାନ କୃଷି ବିଭାଗ ଅନ୍ତର୍ଗତ ଏହି ପ୍ରକଳ୍ପ ଜିଲାରେ କାର୍ଯ୍ୟ କରିବ । ସାନଖେମୁଣ୍ଡି ଏବଂ ହିଞ୍ଜିଳିକାଟୁ ବ୍ଲକରେ ପ୍ରଥମ ପର୍ଯ୍ୟାୟ ପାଇଲଟ ପ୍ରକଳ୍ପ ଭାବେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏହି ପ୍ରକଳ୍ପ ଦ୍ୱାରା କ୍ଷୁଦ୍ର ଓ ମାର୍ଜିନାଲ ଚାଷୀଗଣ ବିଶେଷ ଉପକୃତ ହୋଇପାରିବେ। ଉତ୍ପାଦନର କ୍ଷତିକୁ ହ୍ରାସ କରାଇବା ଦ୍ୱାରା ଚାଷ କାର୍ଯ୍ୟରେ ନିୟୋଜିତ କୃଷକଗଣଙ୍କ ଲାଭର ବୃଦ୍ଧି କରିବା ଦିଗରେ ଅଧିକ ସହାୟକ ହୋଇପାରିବ ବୋଲି ଜିଲାପାଳ ପରିଡା ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକ ଡ. ପ୍ରଦୋଷ କୁମାର ପଣ୍ଡା, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଡ. କନ୍ଦ ଜେନା, ମୁଖ୍ୟ ଜିଲା କୃଷି ଅଧିକାରୀ, ମୁଖ୍ୟ ଜିଲା ପଶୁ ସମ୍ପଦ ଅଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ, ଉଦ୍ୟାନ କୃଷି ସହାୟକ, ଉପସ୍ଥିତ ରହି ଯୋଜନା ସମ୍ପର୍କରେ ଅବଗତ ହୋଇଥିଲେ । ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ସୁବାଷ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାରତୀୟ ମଜଦୁର ସଂଘର ବିକ୍ଷୋଭ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂଘର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ପାରଳାଖେମୁଣ୍ଡି, ୨୬।୪(ଡି.ଏନ୍.ଏ):**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିରେ ଭାରତୀୟ ମଜଦୁର ସଂଘ ବିଏମ୍‌ଏସ୍ ପକ୍ଷରୁ ୪ଦଫା ଦାବି ନେଇ ସ୍ଥାନୀୟ ହାଇସ୍କୁଲ ଛକ ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ବାହରେି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସେମାନଙ୍କ ମୁଖ୍ୟ ଦାବି ହେଲା ଦେଶରେ ସମସ୍ତ ଶ୍ରମିକ ବର୍ଗଙ୍କୁ ସାମାଜିକ ସୁରକ୍ଷା ନିମନ୍ତେ ସମସ୍ତ ସୁବିଧା ଦିଆଯାଉ, ଠିକା ଶ୍ରମିକ ପ୍ରଥା ଉଚ୍ଛେଦ କରିବା ସହ ଅଧିନିୟମ ୧୯୭୦ ଅନୁଯାୟୀ ସଂଶୋଧନ କରାଯାଉ, ସ୍ୱତନ୍ତ୍ର ଜାତୀୟ ଶ୍ରମନୀତି ପ୍ରସ୍ତୁତ କରାଯାଉ, ସର୍ବନିମ୍ନ ମଜୁରି ବଦଳରେ ଜୀବିକା ଆଧାରିତ ମଜୁରି ନିର୍ଦ୍ଧାରଣ କରାଯାଉ ଇତ୍ୟାଦି। ଏହି ଦାବି ନେଇ ଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି । ଦାବି ପୂରଣ ନହେଲେ ଆଗାମୀ ଦିନରେ ସର୍ବଭାରତୀୟ ସ୍ତରରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ଲେଙ୍କା କହିଛନ୍ତି।

# ସ୍ତ୍ରୀଙ୍କ ନିର୍ଯାତନା ସହି ନ ପାରି ସ୍ୱାମୀଙ୍କ ଆତ୍ମହତ୍ୟା ଉଦ୍ୟମ

**ଭଞ୍ଜନଗର, ୨୬।୪(ଡି.ଏନ.ଏ)**

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ କୁଲାଡ଼ର ଅଭିମନ୍ୟୁ ସାହୁ ବୁଧବାର ଅପରାହ୍ନରେ ସ୍ତ୍ରୀଙ୍କ ନିର୍ଯାତନା ସହ୍ୟ କରିନପାରି ଧନଞ୍ଜୟପୁର ଶିବ ମନ୍ଦିରରେ ଆତ୍ମହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ଅଭିମନ୍ୟୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ହସପିଟାଲରେ ଭର୍ତ୍ତି କରିଛନ୍ତି। ପ୍ରକାଶଯେ, ଅଭିମନ୍ୟୁ ୭ବର୍ଷ ପୂର୍ବେ ସୋରଡ଼ା ନିକଟବର୍ତ୍ତି କେରୁଆଖୋଳି ଗ୍ରାମର ଲିଜା ସାହୁଙ୍କୁ ବିବାହ କରିଥିଲେ। କୌଣସି କାରଣରୁ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିବାଦ ରହୁଥିଲା। କିଛିଦିନ ପୂର୍ବେ ବ୍ରହ୍ମପୁରର ଜଣେ ସାମାଜିକକର୍ମୀ ଆସି ସମସ୍ୟାର ସମାଧାନ କରିବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ତାହା ସମାଧାନ ହୋଇପାରିନଥିଲା। ମଙ୍ଗଳବାର ପୁଣି ଏକ ମହିଳା ଗୋଷ୍ଠୀ ଆସି ସମସ୍ୟାର ସମାଧାନ କରିବା ସହ ସ୍ତ୍ରୀଙ୍କୁ ଭରଣପୋଷଣ ବାବଦକୁ କିଛିଟଙ୍କା ଦେବା ପାଇଁ ଅଭିମନ୍ୟୁଙ୍କୁ କହିଥିଲେ। ଏହି ସମୟରେ ସ୍ତ୍ରୀ କୁଆଡ଼େ ସ୍ୱାମୀ ଉପରେ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରିଥିଲେ, ଯାହାକୁ ନେଇ ଅଭିମନ୍ୟୁ ହତୋତ୍ସାହିତ ହେବାସହ ମାନସିକ ଭାରସାମ୍ୟ ହରାଇ ବେକକୁ ବ୍ଲେଡ଼ରେ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ।

# ସାମ୍ବାଦିକ ସଂଘର ବନ୍ଧୁମିଳନ



**କୁକୁଡ଼ାଖଣ୍ଡି, ୨୬।୪:**

କୁକୁଡ଼ାଖଣ୍ଡି ବ୍ଲକରେ କାର୍ଯ୍ୟରତ ଖବରଦାତାମାନଙ୍କୁ ନେଇ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ସାମ୍ବାଦିକ ସୁରକ୍ଷା ଅଧିକାର ସମ୍ବଳିତ ସମସ୍ୟା ସହ କିପରି ସବୁ ସାମ୍ବାଦିକ ଭାଇମାନେ ଏକଜୁଟ ହୋଇ ସାଧାରଣ ଲୋକଙ୍କର ସମସ୍ୟା ସମାଧାନ କରାଯିବ ସେ ନେଇ ବାଉଁସିଆପଲ୍ଲୀସ୍ଥିତ ମା' ରାମଚଣ୍ଡୀ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି ପି.କୃଷ୍ଣମୂର୍ତ୍ତି ସଭାପତିତ୍ୱ କରିଥିଲେ। ଏଥିରେ ଉପସଭାପତି ହିମାଂଶୁ ପାଢ଼ୀ, ସମ୍ପାଦକ ଅମୀର କୁମାର ଦଳାଇ, ଯୁଗ୍ମ ସମ୍ପାଦକ ଈଶ୍ୱର ସେଠୀ, କୋଷାଧକ୍ଷ ସିଏଚ.ମନୋଜ କୁମାର ପାତ୍ର, ଭଗବାନ ପାତ୍ର, ଉମାକାନ୍ତ ପାତ୍ର, ପ୍ରତାପ କୁମାର ସାହୁ, ନାଗେଶ ପାତ୍ର, ଇ.ରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ।

# କାଇଁଚପୁର ପଞ୍ଚାୟତରେ ଭତ୍ତା ବଣ୍ଟନ

**ଗଞ୍ଜାମ, ୨୬।୪(ଡି.ଏନ.ଏ.):**

ଗଞ୍ଜାମ ବ୍ଲକ ଅନ୍ତର୍ଗତ କାଇଁଚପୁର ପଞ୍ଚାୟତ କାର୍ଯ୍ୟାଳୟରେ ନୂତନ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ସରପଞ୍ଚ ଆର. ଚନ୍ଦନା ରେଡି ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ୩୬ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଛନ୍ତି। ପୂର୍ବତନ ବ୍ଲକ ଉପାଧକ୍ଷ ଆର. ଭାଗିରଥି ରେଡି, ସମିତିସଭ୍ୟ ଜୟକୃଷ୍ଣ ରେଡି, ନାଏବ ସରପଞ୍ଚ କେ. ଜୟନ୍ତୀ ରେଡି ପ୍ରମୁଖ ଉପସ୍ଥିତ ଥିଲେ।


ହିତାଧିକାରୀମାନଙ୍କୁ ସରପଞ୍ଚ ଭତ୍ତା ବଣ୍ଟନ କରୁଛନ୍ତି ।

# ମୋହନା ପଞ୍ଚାୟତ ସମିତି ବୈଠକ


ସମିତି ବୈଠକରେ ଉପସ୍ଥିତ ଅତିଥି ।

**ଆର.ଉଦୟଗିରି, ୨୬।୪(ଡି.ଏନ.ଏ.)**

ଗଜପତି ଜିଲା ମୋହନା ବ୍ଲକ ବିଜୁ କଲ୍ୟାଣ ମଣ୍ଡପଠାରେ ବ୍ଲକ ଅଧକ୍ଷ ରଞ୍ଜୀବ ଶବରଙ୍କ ଅଧକ୍ଷତାରେ ଚତୁର୍ଥ ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଉପାଧକ୍ଷ ବାଲ୍ମିନା ଅଧିକାରୀ, ବିଡିଓ ତପସ୍ୱିନୀ ହଂସଦା, ଜିଲା ପରିଷଦ ସଭ୍ୟ ଚନ୍ଦ୍ର କୁମାର ମଲ୍ଲିକ, ସୁନୀଲ କୁମାର ବିଷୋୟୀଙ୍କ ସମେତ ଏମ୍‌ପି ଏବଂ ବିଧାୟକ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ରବି କୁମାର ପାତ୍ର ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ବିଡିଓ ଏବଂ ବ୍ଲକ ଅଧକ୍ଷ ଦୁହେଁ ପଞ୍ଚାୟତ ପ୍ରତିନିଧି ଏବଂ ସମସ୍ତ ବିଭାଗରୁ ଆସିଥିବା ଅଧିକାରୀଙ୍କୁ ସ୍ୱାଗତ କରି ବୈଠକ ଆରମ୍ଭ କରିଥିଲେ। ବୈଠକରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶିଷ କୁମାର ଶତପଥୀ, ସହକାରୀ ଯନ୍ତ୍ରୀ ନାରାୟଣ ପାଢ଼ୀ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ୍ତ କୁମାର ସେଠୀଙ୍କ ସମେତ ଯୋଗାଣ ଅଧିକାରୀ ଶୁଭେନ୍ଦୁ ପାଣିଗ୍ରାହୀ, ଶିଶୁ ବିକାଶ ଅଧିକାରିଣୀ ମମତା ମଲ୍ଲିକ, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ, ବନ ବିଭାଗ, କୃଷି ବିଭାଗ ଅଧିକାରୀ ଭବେନ୍ଦ୍ର ମୁର୍ମୁ, ବ୍ଲକ ଜୀବିକା ମିଶନ, ପାନୀୟ ଜଳ ସମେତ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା। ପଞ୍ଚାୟତ ପ୍ରତିନିଧିଙ୍କ ସହ ସରକାରୀ କର୍ମଚାରୀଙ୍କ ସମେତ ନୂତନ ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଭ୍ୟାସଭ୍ୟଙ୍କୁ ବୈଠକକୁ ଡକାଯାଇଥିଲା।

# ପେସା ଆଇନ ଲାଗୁ ଦାବିରେ ବିକ୍ଷୋଭ

**ଫୁଲବାଣୀ ଅଫିସ, ୨୬।୪**

କନ୍ଧମାଳ ଜିଲା ନିଖିଳ ଓଡିଶା ଆଦିବାସୀ ସମନ୍ୱୟ ସମିତି ପକ୍ଷରୁ ପେସା ଆଇନ ଲାଗୁ କରିବା ଏବଂ ଆଦିବାସୀଙ୍କ ଜମି ହଡ଼ପ ବନ୍ଦ କରିବା ପ୍ରତିବାଦରେ ବୁଧବାର ଫୁଲବାଣୀରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସଂଘ କର୍ମକର୍ତ୍ତା ଏବଂ ଆଦିବାସୀମାନେ ପାରମ୍ପରିକ ବାଦ୍ୟ, ନୃତ୍ୟରେ ଫୁଲବାଣୀ କଲେଜ ପାଖରୁ ରାଲିରେ ବାହାରି ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ସେମାନେ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ । ଏହାପରେ ଏକ ପ୍ରତିନିଧି ଦଳ ଯାଇ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

୧୯୯୬ ମସିହାରେ ପେସା ଆଇନ ଆସିଛି । ଏଥିରେ ସଂରକ୍ଷିତ ଅଞ୍ଚଳରେ ଗ୍ରାମସଭାକୁ ସ୍ୱତନ୍ତ୍ର କ୍ଷମତା ଦିଆଯାଇଛି। ଯାହାଦ୍ୱାରା ଆଦିବାସୀମାନେ ପ୍ରାକୃତିକ ସମ୍ପଦର ରକ୍ଷା କରି ପାରିବେ । ଦୁଃଖର ବିଷୟ ଜିଲାରେ ଏହି ଆଇନକୁ କାର୍ଯ୍ୟକାରୀ କରାଯାଉନାହିଁ। ଆଜି ପର୍ଯ୍ୟନ୍ତ ଆଦିବାସୀମାନେ ରାଜ୍ୟ ସରକାରଙ୍କ ଦ୍ୱାରା ଶାସିତ ହେଉଛନ୍ତି । ସେହିପରି ଆଇନ ଅନୁସାରେ ଜିଲାରେ ଏକ ଆଦିବାସୀ ଉପଦେଷ୍ଟା ମଣ୍ଡଳୀ ରହିବା କଥା । ତାହା ହେଉନାହିଁ । ଜିଲାର ଅଧିକାରୀମାନେ ସମ୍ପୂର୍ଣ୍ଣ ଭାବେ ଏହି ଆଇନକୁ ଅଣଦେଖା କରୁଛନ୍ତି । ବିଡିଓ, ତହସିଲଦାରମାନେ ଆଦିବାସୀଙ୍କ ଜମିକୁ ଛଡାଇ ନେଇ ଅନ୍ୟ ହାତକୁ ଟେକି ଦେଉଛନ୍ତି । ଆମେ ଏହାକୁ ଦୃଢ଼ ବିରୋଧ କରୁଛୁ। ଆଗାମୀ ଦିନରେ ଏହି ଆଇନ ଲାଗୁ କରା ନ ଗଲେ ରାଜ୍ୟରେ ଥିବା ଆଦିବାସୀ ସଂଗଠନ ବାଧ୍ୟ ହୋଇ ଆନ୍ଦୋଳନ କରିବାକୁ ରାଜରାସ୍ତାକୁ ଓହ୍ଲାଇବ। ଏଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ସମନ୍ୱୟ ସମିତି ସଭାପତି ଲମ୍ବୋଦର କହଁର ପ୍ରକାଶ କରିଛନ୍ତି । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲାର ବହୁ ଆଦିବାସୀମାନେ ସାମିଲ ହୋଇଥିଲେ ।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଦିବାସୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।


ମା'ଙ୍କ ଘଟ ପରିକ୍ରମା କରାଯାଉଛି।


ମହିଳା ଶ୍ରଦ୍ଧାଳୁ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com


@ ସୁଧାକର


@ ପ୍ରିୟଙ୍କା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨୩ ଦିନରେ ମା' ବୁଢ଼ୀ ଠାକୁରାଣୀ ଦ୍ୱିବାର୍ଷିକ ଯାତ୍ରା

**ବ୍ରହ୍ମପୁର ଅଫିସ,୨୬।୪**

ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ବୁଧବାର ୨୩ ଦିନରେ ପହଞ୍ଚିଛି। ଯାତ୍ରାର ୨୩ ଦିନ ସୁଦ୍ଧା ମା' ଠାକୁରାଣୀଙ୍କ ଦ୍ୱାରା ୨୦ ରଥ ଉନ୍ମୋଚିତ ହୋଇଛି। ଠାକୁରାଣୀ ଯାତ୍ରା ସମୟ ଅବଧି ସରି ଆସୁଥିବା ବେଳେ ଭକ୍ତଙ୍କ ଗହଳି ଚହଳି ମଧ୍ୟ ବୃଦ୍ଧି ପାଇଛି। ବର୍ତ୍ତମାନ ବହୁ ସଂଖ୍ୟକ ବାଘ ବେଶ ମାନସିକଧାରୀ ଅସ୍ଥାୟୀ ମଣ୍ଡପ ସମେତ ସମଗ୍ର ସହରରେ ବାଘ ନାଚ ଦେଖିବାକୁ ମିଳୁଛି। ସମଗ୍ର ସହର ଏବେ ଚାଙ୍ଗୁଡ଼ି ବାଦ୍ୟରେ କମ୍ପି ଉଠୁଛି। ବାଘ ବେଶଧାରୀମାନେ ନାଚ ନାଚି ଅସ୍ଥାୟୀ ମଣ୍ଡପରେ ମାଙ୍କୁ ଦର୍ଶନ କରୁଛନ୍ତି। ସେହିପରି ଯାତ୍ରାରେ ଆକର୍ଷଣୀୟ ଆଲୋକମାଳାରେ ସାଜସଜ୍ଜା ହୋଇଥିବା ରଥ ଓ କଳାକୁଞ୍ଜ ଶ୍ରଦ୍ଧାଳୁଙ୍କୁ ବେଶ ଆକୃଷ୍ଟ କରୁଛି। ଦେଶୀ ବେହେରା ସାହି ଆରମ୍ଭରୁ ଶେଷ ଯାଏ ବହୁ ଖେଳନା ସାମଗ୍ରୀ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି।

**୬ ରଥ ଉନ୍ମୋଚିତ**
**୨୩ ଦିନ ସୁଦ୍ଧା ୨୦ ରଥ ଉନ୍ମୋଚନ କଲେ ମା'**

ମା'ଙ୍କ ଘଟ ରାତ୍ରି ୮ଟା ପରେ ଅସ୍ଥାୟୀ ମଣ୍ଡପରୁ ବାହାରିଥିଲା। ମା'ଙ୍କ ମୁଖ୍ୟ ଘଟ ସମେତ ୮ପାର୍ଶ୍ୱ ଘଟ ମଧ୍ୟ ଥିଲେ। ମା'ଙ୍କ ଘଟ ଅସ୍ଥାୟୀ ମଣ୍ଡପରୁ ବାହାରିବା କ୍ଷଣି ବାହାରେ ରହିଥିବା ଶହ ଶହ ମହିଳାଙ୍କ ହୁଳହୁଳିରେ ପରିବେଶ ପ୍ରକମ୍ପିତ ହୋଇଥିଲା। ଏହାପରେ ମା' ପରମ୍ପରା ଅନୁଯାୟୀ ମହୁରୀ ରାଜବାଟୀକୁ ଯାଇଥିଲେ। ସେଠାରେ ମହୁରୀ ରାଜା ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହାପରେ ମା' ମହୁରୀ ରାଜବାଟୀରୁ ବଡ ବଜାର ହୋଇ ଖାସ୍ବା ସାହିକୁ ଯାଇଥିଲେ। ଖାସ୍ବା ସାହିରେ ମା' ହରି ଅର୍ଜୁନ ରଥକୁ ଉନ୍ମୋଚନ କରିଥିଲେ। ଏହାପରେ ମା' ନୃସିଂହ ମନ୍ଦିର ସାହିରେ ଶ୍ରୀରାମ ରଥ, ଚନ୍ଦ୍ର ଶେଖର ମନ୍ଦିର ସାହିରେ ବୀର ହନୁମାନ ରଥ, ଶଙ୍ଖାରୀ ସାହିରେ ଲକ୍ଷ୍ମଣ ରଥ, ଜେମାଦେଇ ପେଣ୍ଠ ସାହିରେ ଜଗନ୍ନାଥ ରଥ ଓ ପୁରୁଣା ବ୍ରହ୍ମପୁର ସାହିରେ ମହାବୀର କର୍ଣ୍ଣ ଏହି ୬ ରଥକୁ ଉନ୍ମୋଚନ କରିଥିଲେ। ଏଥିସହ ମା' ରଥକୁ ଉନ୍ମୋଚନ ନିମନ୍ତେ ଆସିବା ସମୟରେ ପ୍ରତି ସାହିରେ ମହିଳାମାନେ ହଳଦୀ ପାଣିରେ ପାଦ ଧୋଇଥିଲେ। ଶେଷରେ ମା' ଖାସ୍ବା ସାହି ହୋଇ ବଡ ବଜାର ଦେଇ ନଡିଆ ବଜାର ହୋଇ ଦେଶୀ ବେହେରା ସାହି ଅସ୍ଥାୟୀ ମଣ୍ଡପରେ ପହଞ୍ଚିଥିଲେ। ଅସ୍ଥାୟୀ ମଣ୍ଡପରେ ମା'ଙ୍କୁ ଆଳତି ସହ ବାଳଭୋଗ କରାଯାଇଥିଲା।


ବାଘ ବେଶ।


ସୋଢ଼ ଗାଜିଆ ବେଶ।


ଶିଶୁଙ୍କ ରାଧା ବେଶ।


ବଳରାମ ଓ ବାବାଜୀ ବେଶ।

**ତାଲା ବନ୍ଦ ଘରୁ ଚୋରି ମାମଲା**

## ଲୁଟେରା ଗିରଫ, ୯ ମଟର ଜବତ

**ବ୍ରହ୍ମପୁର ଅଫିସ,୨୬।୪**

ବ୍ରହ୍ମପୁର ନିମଖଣ୍ଡି ପୋଲିସ ଏକ ତାଲା ବନ୍ଦ ଘରୁ ଚୋରି ମାମଲାରେ ଜଣେ ଲୁଟେରାଙ୍କୁ ଗିରଫ କରିଛି। ସେ ହେଉଛନ୍ତି ଲୋଚପଡ଼ା, ରାମକୃଷ୍ଣନଗରର ସାନୁ ନାୟକ(୨୩)। ପୋଲିସ ତାଙ୍କ ନିକଟରୁ ତିନୋଟି ପାଣି ପମ୍ପ (ମଟର) ଓ ଗୋଟିଏ ରୋଷେଇ ଘରେ ବ୍ୟବହୃତ ହେଉଥିବା ଚିମିନି ଜବତ କରିଛି। ମାମଲା ନମ୍ବର ୯୫/୨୩ରେ ତାଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ସେହିପରି ଲୁଟିଆ ଗ୍ୟାଙ୍ଗର ଚୋରି ସାମଗ୍ରୀ କ୍ରୟକରି ଗତ ୪ତାରିଖରେ ଗିରଫ ହୋଇ ଜେଲ ଯାଇଥିବା ସୁଦର୍ଶନ ସାହୁଙ୍କୁ ରିମାଣ୍ଡରେ ନେବା ପାଇଁ ଗତ ୨୪ ତାରିଖରେ ପୋଲିସ ଜେଏମ୍‌ଏଫସି (ଗ୍ରାମାଞ୍ଚଳ)ରେ ଆବେଦନ କରିଥିଲେ। ଜେଏମ୍‌ଏଫସି ଦୁଇ ଦିନିଆ ରିମାଣ୍ଡ ମଞ୍ଜୁର କରିଥିଲେ। ପୋଲିସ ଜେଲରେ ଥିବା ସୁଦର୍ଶନଙ୍କୁ ମଙ୍ଗଳବାର ରିମାଣ୍ଡରେ ନେଇ ତାଙ୍କୁ ଜେରା କରିଥିଲା। ଜେରା ବେଳେ ପୋଲିସ ତାଙ୍କ ନିକଟରୁ ୯ ପାଣି ମଟର ଜବତ କରିଛି। ପୋଲିସ ଉଭୟଙ୍କ ଠାରୁ ମୋଟ ୯ ଗୋଟି ମଟର ଜବତ କରିଥିବା କହିଛି।କ ପୋଲିସ ରିମାଣ୍ଡରେ ଆଣିଥିବା ସୁଦର୍ଶନଙ୍କୁ ବୁଧବାର କୋର୍ଟରେ ହାଜର କରିବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି କହିଛି।

**ନକଲି ସାର୍ଟିଫିକେଟ ମାମଲା**

## ଶିକ୍ଷକ ଗିରଫ ପରେ ପୋଲିସ ଜାଲରେ ପୁଣି ୫

**ବ୍ରହ୍ମପୁର ଅଫିସ,୨୬।୪**

ନକଲି ସାର୍ଟିଫିକେଟରେ ଚାକିରି ଘଟଣା ଏବେ ସାରା ଓଡ଼ିଶାରେ ଚହଳ ପକାଇଛି। ନକଲି ଶିକ୍ଷାଗତ ପ୍ରମାଣପତ୍ର ଦେଇ ଶିକ୍ଷକ ଚାକିରି ହାତେଇବା ଅଭିଯୋଗ ଗଞ୍ଜାମ ଜିଲାରେ ବହୁ ଦିନଧରି ଅଭିଯୋଗ ହୋଇ ଆସୁଛି। ଏବେ ଏହି ରାକେଟ ଗଞ୍ଜାମ ଜିଲାରେ ସୀମିତ ନ ରହି ସାରା ଓଡ଼ିଶାରେ ଏହାର ଚେର ଲମ୍ବିଥିବା ନେଇ ପୋଲିସକୁ ସୁରାକ୍ ମିଳିଛି।

ଏହି ରାକେଟର କିଙ୍ଗପିନ କୁହାଯାଉଥିବା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱରର ଦୈତାରି ବେହେରା, ତାଙ୍କ ପୁଅ ଅମୃତ ପ୍ରସାଦ ବେହେରା, ନକଲି ସାର୍ଟିଫିକେଟ ପ୍ରିଣ୍ଟିଂ କରୁଥିବା ଢେଙ୍କାନାଳ ଟାଉନ ଥାନା ଅଞ୍ଚଳର ପ୍ରଶାନ୍ତ କୁମାର ସାହୁ ଓ କଟକ ମଙ୍ଗଳାବାଗ ଥାନା ଅଞ୍ଚଳର କିଶୋର କୁମାର ବେହେରାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏହାର ମାଷ୍ଟର ମାଇଣ୍ଡ ଦୈତାରିଙ୍କୁ ଜେରା ବେଳେ ପୋଲିସ ଏହି ରାକେଟର ଅନେକ ଗୁମର ଖୋଲିଛି। ତାଙ୍କ ଅଭିଯୋଗରେ ପୋଲିସ ଏବେ ୫ଜଣଙ୍କୁ ଧରି ଥାନାରେ ଅଟକ ରଖି ଜେରା ଚଳାଇଛି। ସେମାନଙ୍କ ନିକଟରୁ ପୋଲିସ ଏବେ ୨ଟି ଦାମୀକାର ସହ ବହୁ ନକଲି ସାର୍ଟିଫିକେଟ ଜବତ କରିଛି। ଉକ୍ତ ୫ଜଣ ଢେଙ୍କାନାଳ, କଟକ, ଭୁବନେଶ୍ୱର, ଭଞ୍ଜନଗର ଓ ବାଲୁଗାଁ ଅଞ୍ଚଳର ହୋଇଥିବା ଜଣାପଡିଛି। ତଦନ୍ତରେ ବାଧାପ୍ରାପ୍ତ ଦୃଷ୍ଟିରୁ ସେମାନଙ୍କ ନାମ ଗୋପନ ରଖାଯାଇଛି ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

**ଅଟକ ରଖି ପଚରାଉଚରା, ୨ କାର ଜବତ**

ଜବତ ନକଲି ସାର୍ଟିଫିକେଟଗୁଡିକ ମଧ୍ୟରେ ଅଧିକାଂଶ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରସ୍ଥିତ ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟର ରହିଥିବା ଜଣାପଡିଛି। ଏନେଇ ବ୍ରହ୍ମପୁର ଏସ୍‌ପି ଆନ୍ଧ୍ରପ୍ରଦେଶର ଏସ୍‌ପିଙ୍କ ସହ ଯୋଗାଯୋଗ କରିଛନ୍ତି। ଢେଙ୍କାନାଳରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ସାର୍ଟିଫିକେଟ ଛାପି ବିକ୍ରି ହେଉଥିବା ପୋଲିସ ଜାଣିବାକୁ ପାଇଛି। ଗତ ୨୪ ତାରିଖରେ ଗୋଷାଣୀନୂଆଗାଁ ପୋଲିସ ମାମଲା ନମ୍ବର ୧୧୩/୨୩ରେ ଉପରୋକ୍ତ ୫ଗିରଫ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ପୋଲିସ ଏହି ମାମଲାର ତଦନ୍ତ ଜାରି ରଖିଛି। ନକଲି ସାର୍ଟିଫିକେଟ କାରବାରରେ ଆନ୍ତଃ ରାଜ୍ୟ ଗ୍ୟାଙ୍ଗ ରହିଥିବା ନେଇ ପୋଲିସ ଏବେ ସନ୍ଦେହ କରୁଛି।

## ଚାଷୀ ସମସ୍ୟା ସମାଧାନରେ ସରକାର ବିଫଳ

**ଏଆଇକେଏସ୍ ଜିଲା ପରିଷଦ ବୈଠକରେ ଅଭିଯୋଗ**

**ବ୍ରହ୍ମପୁର ଅଫିସ,୨୬।୪**

ଗଞ୍ଜାମ ଜିଲାରେ ଚାଷୀଙ୍କ ସମସ୍ୟାର ସ୍ଥାୟୀ ସମାଧାନରେ ସରକାର ବିଫଳ ହୋଇଛି। ବ୍ରହ୍ମପୁରରେ ଏଆଇକେଏସର ଜିଲା ପରିଷଦ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀ ବିରୋଧୀ ନୀତିକୁ ନିନ୍ଦା କରାଯିବା ସହ ଏହାର ପ୍ରତିବାଦ ପାଇଁ ବାମପନ୍ଥୀ ଆଦର୍ଶରେ ଅନୁପ୍ରାଣିତ ହୋଇ ଚାଷୀମାନେ ସଂଗଠିତ ହେବାକୁ ଆହ୍ୱାନ ଦିଆଯାଇଛି। ମେ ୨୩ ଓ ୨୪ରେ ଖଲିକୋଟଠାରେ ଅନୁଷ୍ଠିତ ହେବାକୁ ଥିବା ପରିଷଦର ଜିଲା ସମ୍ମିଳନୀରେ କୃଷି ଓ କୃଷକ ସମସ୍ୟା ନେଇ ବିସ୍ତୃତ ଆଲୋଚନା ହେବ ଏବଂ ଦାବି ହାସଲ ନିମନ୍ତେ ଚାଷୀ ଆନ୍ଦୋଳନ ରୂପରେଖ ନିର୍ଦ୍ଧାରଣ କରାଯିବାର ନିଷ୍ପତ୍ତି ନିଆଯାଇଛି।

## ତତ୍କାଳୀନ ଆସ୍କା ଆରଆଇଙ୍କୁ ୧ ବର୍ଷ ଜେଲ

**ବ୍ରହ୍ମପୁର ଅଫିସ,୨୬।୪**

ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ବୁଧବାର ଏକ ଲାଞ୍ଚ ଗ୍ରହଣ ମାମଲାର ରାୟ ୮ବର୍ଷ ପରେ ପ୍ରକାଶ କରିଛନ୍ତି। ସେ ଗଞ୍ଜାମ ଜିଲା ଆସ୍କା ତହସିଲର ତତ୍କାଳୀନ ରାଜସ୍ୱ ନିରୀକ୍ଷକ (ଆରଆଇ)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ଛତ୍ରପୁର ଥାନା ଅନ୍ତର୍ଗତ ବାଟଛତ୍ରପୁରର ଯୋଗେନ୍ଦ୍ର କୁମାର ବେହେରା। ଜଜ ଅଭିଯୁକ୍ତଙ୍କୁ ୧ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ୫ହଜାର ଟଙ୍କା ଜରିମାନା ଦେବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନଦାୟେ ଅତିରିକ୍ତ ଏକ ମାସ ସଶ୍ରମ ଜେଲଦଣ୍ଡର ରାୟ ପ୍ରକାଶ କରିଛନ୍ତି। ସେ ବର୍ତ୍ତମାନ ଅବସର ଗ୍ରହଣ କରିସାରିଛନ୍ତି।

**ଲାଞ୍ଚ ଗ୍ରହଣ ମାମଲା**

ପ୍ରକାଶ ଯେ, ବସନ୍ତ କୁମାର ପାଣିଗ୍ରାହୀଙ୍କ ସ୍ତ୍ରୀ ଓ ଭଉଣୀଙ୍କ ନାମରେ ଥିବା ଏକ ଜମିର ମ୍ୟୁଟେସନ ପାଇଁ ସେ ଆସ୍କା ତହସିଲଦାରଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଉକ୍ତ ଜମିର ତଦନ୍ତ ରିପୋର୍ଟ ଦେବା ପାଇଁ ଆବେଦନକାରୀ ଆରଆଇ ଯୋଗେନ୍ଦ୍ରଙ୍କୁ ଭେଟିଥିଲେ। ଉକ୍ତ ତଦନ୍ତ ରିପୋର୍ଟ ଦେବାକୁ ଯୋଗେନ୍ଦ୍ର ଆବେଦନକାରୀଙ୍କୁ ୧୪ଶହ ଟଙ୍କା ଲାଞ୍ଚ ମାଗିଥିଲେ। ବସନ୍ତ ଏନେଇ ବ୍ରହ୍ମପୁର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ବସନ୍ତ ୨୦୧୪ ଜୁନ ୨୦ରେ ଆରଆଇ ଅଫିସ ଯାଇ ଯୋଗେନ୍ଦ୍ରଙ୍କୁ ଭେଟି ତାଙ୍କୁ ୧୪ଶହ ଟଙ୍କା ଲାଞ୍ଚ ଦେଇଥିଲେ। ସେଠାରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଯୋଗେନ୍ଦ୍ରଙ୍କଠାରୁ ଉକ୍ତ ଲାଞ୍ଚ ଟଙ୍କା ଜବତ କରିବା ସହ ମାମଲା ନମ୍ବର ୧୯/୧୪ ତାଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ୧୫ଦିନ ପରେ ତାଙ୍କୁ ଜାମିନ ମିଳିଥିଲା। ଉକ୍ତ ମାମଲାର ବିଚାର ବେଳେ ୧୦ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ଯୋଗେନ୍ଦ୍ର ବେହେରାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀଙ୍କ ବୟାନକୁ ଆଧାର କରି ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ପିପି ସୁରେନ୍ଦ୍ର ପଣ୍ଡା ଓ ମୁଦାଲାଙ୍କ ପକ୍ଷରୁ ପ୍ରସାଦ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

## ସ୍କ୍ରାପ୍‌ରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତି

**ବ୍ରହ୍ମପୁର ଅଫିସ,୨୬।୪**

ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ଅବସରରେ ବୁଧବାର ବ୍ରହ୍ମପୁର ଆଇଟିଆଇ ପକ୍ଷରୁ ସ୍କ୍ରାପ୍‌ରେ ନିର୍ମିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଏହାକୁ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଡ. ଗୋପବନ୍ଧୁ ଦାଶ ଉଦ୍‌ଘାଟନ କରିଥିଲେ। ଏହି ମୂର୍ତ୍ତିର ଉଚ୍ଚତା ୬ ଫୁଟ ରହିଥିବା ବେଳେ ଏହାର ଓଜନ ୧୧୦ କି.ଗ୍ରା.ରହିଛି। ଏଥିରେ ନଟ୍, ମୋଟର ସାଇକେଲ ଟାଇମିଂ ଚେନ୍ ଓ ଜିଆଇ ସିଟ୍ ବ୍ୟବହୃତ ହୋଇଛି। ଏହାକୁ ଆଇଟିଆଇର ଫିଟର ଓ ପେଣ୍ଟର ବିଭାଗ ଛାତ୍ରୀଛାତ୍ରମାନେ ନିର୍ମାଣ କରିଛନ୍ତି। ଏହାକୁ ନିର୍ମାଣ କରିବାକୁ ୨୦ରୁ ୨୫ ଦିନ ସମୟ ଲାଗିଥିବା ଅଧକ୍ଷ ଡ. ରଜତ କୁମାର ପାଣିଗ୍ରାହୀ କହିଛନ୍ତି। ଆଇଟିଆଇର ଏଭଳି ଦକ୍ଷତା ପୂର୍ଣ୍ଣ କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ପ୍ରଶଂସା କରିଥିଲେ।


ଆଇଟିଆଇରେ ଉନ୍ମୋଚିତ ହୋଇଥିବା କୃଷ୍ଣଚନ୍ଦ୍ର ଗଜପତିଙ୍କ ସ୍କ୍ରାପ୍ ପ୍ରତିମୂର୍ତ୍ତି।

## ଘରୋଇ ସଂସ୍ଥାରୁ ଦେଢ଼କୋଟି ହେରଫେର

**ବ୍ରହ୍ମପୁର ଅଫିସ,୨୬।୪**

ବ୍ରହ୍ମପୁର ଫାଷ୍ଟଗେଟରୁ ଦିଗପହଣ୍ଡି ରାସ୍ତାରେ ଓମ୍ ଆସୋସିଏଟସ୍ ନାମକ ଏକ ବ୍ୟବସାୟିକ ସଂସ୍ଥା ଶାଖା କାର୍ଯ୍ୟାଳୟ ରହିଛି। ଫାଷ୍ଟ ମୋଭିଂ କଞ୍ଜୁମର ଗୁଡ୍ସ(ଏଫଏମ୍‌ସିଜି) ସାମଗ୍ରୀ ବିତରଣ କରୁଥିବା ଏକ ଘରୋଇ ବ୍ୟବସାୟିକ ସଂସ୍ଥାର ୨ ଜଣ କର୍ମଚାରୀ ମିଶି ଦେଢ଼କୋଟି ଟଙ୍କା ହେରଫେର କରିଥିବା ଗତ ଜାନୁୟାରୀରେ ହୋଇଥିବା ଅଡିଟ୍‌ରୁ ଜଣାପଡିଥିଲା। ପରେ ଦୁହିଁଙ୍କୁ ପଚରା ଯିବାରୁ ସେ ଏହାକୁ ସ୍ୱୀକାର କରି ଉକ୍ତ ରାଶି ଫେରାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏବେ ସେ ଦୁହେଁ ଧରାଛୁଆଁ ଦେଉନଥିବାରୁ ସଂସ୍ଥାର ଇଣ୍ଟରନାଲ୍ ଅଡିଟ୍ ମ୍ୟାନେଜର ବଡ଼ବଜାର ଥାନାରେ ମଙ୍ଗଳବାର ଏତଲା ଦେଇଛନ୍ତି। ପୋଲିସ ନଂ. ୧୩୧/୨୩ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିବା କହିଛି।

## ତାଲିମ ପାଇଁ ନିୟୋଜିତ ହେବେ ୨୧ ନୂଆ ଏଏସ୍‌ଆଇ

**ବ୍ରହ୍ମପୁର ଅଫିସ,୨୬।୪**

ଏଏସ୍‌ଆଇ ଭାବେ ନିଯୁକ୍ତି ପାଇଁ ୨ ମାସ ଟ୍ରେନିଂ ନେବାପରେ ପ୍ରାକ୍ଟିକାଲ୍ ଟ୍ରେନିଂ ନେବା ପାଇଁ ବ୍ରହ୍ମପୁର ପୋଲିସ ଜିଲାରେ ଥିବା ବିଭିନ୍ନ ଗ୍ରାମାଞ୍ଚଳ ଥାନାରେ ୨୧ଜଣ ପୋଲିସ ନିୟୋଜିତ ହେବେ। ଏଥିସହ ଗୋଟିଏ ସପ୍ତାହ କୌଣସି ଏକ ଫାଣ୍ଡିରେ ମଧ୍ୟ କାମ କରିବେ। ଏହି ଅବସରରେ ସମସ୍ତ ୨୧ଜଣ ପୋଲିସ ବୁଧବାର ବ୍ରହ୍ମପୁର ପୋଲିସ ମୁଖ୍ୟାଳୟ ଯାଇ ଏସ୍‌ପି ଡା. ଶ୍ରବଣ ବିବେକ ଏମ୍‌ଙ୍କ ସହ ସାକ୍ଷାତ କରିଛନ୍ତି। ଜୁନ୍ ୨୦ ପର୍ଯ୍ୟନ୍ତ ସେମାନଙ୍କ ପାଇଁ ଏହି ଅବଧି ଧାର୍ଯ୍ୟ ହୋଇଛି। ବିଜ୍ଞପ୍ତି ମୁତାବକ, ବ୍ରହ୍ମପୁର ପୋଲିସ ଜିଲାରେ ନିୟୋଜିତ ହେବାକୁ ଥିବା ୨୧ ଏଏସ୍‌ଆଇଙ୍କ ମଧ୍ୟରୁ ସଦର ଥାନା, ଗୋପାଳପୁର ଥାନା ଓ ଦିଗପହଣ୍ଡି ଥାନାରେ ୪ଜଣ ଲେଖାଏ, କ.ନୂଆଗାଁ ଥାନା, ଜରଡ଼ା ଥାନା ଓ ଗୋଳନ୍ଥରା ଥାନାରେ ୩ ଜଣ ଲେଖାଏ ନିୟୋଜିତ ହେବେ। ସମସ୍ତ ୨୧ ପୋଲିସ ଜୁନ ୧୩ ଯାଏ ଉପରୋକ୍ତ ଥାନାଗୁଡିକରେ ରହି କାମ ଶିଖିବେ ଓ ପରେ ସେମାନେ ଉପରୋକ୍ତ ଥାନା ଅଧୀନରେ ଥିବା ଫାଣ୍ଡି ଗୁଡିକରେ ଜୁନ ୨୦ ଯାଏ କାମ କରିବେ। ପ୍ରତ୍ୟେକ ଥାନାଧିକାରୀ ସେମାନଙ୍କ କାର୍ଯ୍ୟଶୈଳୀଗୁଡିକ ଉପରେ ନଜର ରଖିବା ସହ ସେମାନଙ୍କୁ ଗାଇଡ଼ କରିବେ ବୋଲି ଜଣାପଡିଛି।


ଏସ୍‌ପିଙ୍କ ସହ ସାକ୍ଷାତ କରୁଛନ୍ତି।

